**ଜଳିଗଲା ୨ ବଖରା**

ସିମୁଳିଆ, (ଡି.ଏନ.ଏ.): ବିଦ୍ୟୁତ ସର୍ଟ୍‌ସର୍କିଟରେ ସିମୁଳିଆ ବ୍ଲକ ସବଙ୍ଗ ପଞ୍ଚାୟତର ବରବାଙ୍କ ଅଞ୍ଚଳର ରବୀନ୍ଦ୍ର ଜେନାଙ୍କ ୨ ବଖରା ପୋଡିଯାଇଛି । ରବିବାର ରାତିରେ ପରିବାର ଲୋକେ ଶୋଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଘରର ସମସ୍ତ ଆସବାବପତ୍ର ସମେତ ଧାନ ଚାଉଳ, ଲୁଗାପଟା ପୋଡିଯାଇଛି । ସୋମବାର ମଧ୍ୟାହ୍ନରେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ମାର୍କୋଣା ଆରଆଇ ସାରସୀ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ସଂକ୍ଷେପରେ

### ୬୬୨ କଲେଜ ବର୍ଗର ଆନ୍ଦୋଳନ ଚେତାବନୀ

କେନ୍ଦୁଝର,୨୧।୧୧(ସ୍ୱ.ପ୍ର.): ଶିକ୍ଷା ବିଭାଗ ପକ୍ଷରୁ ଲାଗୁ ହେବାକୁ ଯାଉଥିବା ନୂତନ ନିୟମକୁ ବିରୋଧ କରି କେନ୍ଦୁଝର ଜିଲା ୬୬୨ କଲେଜ ବର୍ଗ ସଂଗଠନ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ନିୟମ କାର୍ଯ୍ୟକାରୀ ହେଲେ ସ୍କୁଲ୍ ଓ କଲେଜରେ କାର୍ଯ୍ୟରତ କର୍ମଚାରୀଙ୍କ ଦରମା ହ୍ରାସ ପାଇବ। କଲେଜ ଅଧ୍ୟାପକମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ୬୬୨ ବର୍ଗ କର୍ମଚାରୀ ଅଭିଯୋଗ କରିଛନ୍ତି। ଏ ନେଇ ରାଜ୍ୟ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ଅନୁଯାୟୀ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ଗତବର୍ଷ ଡିସେମ୍ବର ୩୦ରେ ରାଜ୍ୟ ସରକାର କ୍ୟାବିନେଟ୍ ବୈଠକରେ ସପ୍ତମ ବେତନ କମିଶନ ଆଧାରରେ ଦରମା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ଆଧାର କରି ଜାନୁୟାରୀ ୧୧ରେ ବିଜ୍ଞପ୍ତି ପ୍ରକାଶ ପାଇଲା। ତେବେ ଯେଉଁ ଆଧାରରେ ହିସାବ କଲେ ତାହାକୁ ସଂଘର ବିରୋଧ ସତ୍ତ୍ୱେ ଲାଗୁ କଲେ। ଏହି ଆଧାରରେ ଦରମା ପାଇ ସାରିବା ପରେ ଏବେ ଆଉ ଏକ ନୂଆ ନିୟମ କରି ବିଭିନ୍ନ ବର୍ଗର କର୍ମଚାରୀଙ୍କ ମଧ୍ୟରେ ତାରତମ୍ୟ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଆସିବାକୁ ଥିବା ନୂତନ ନିୟମ କାର୍ଯ୍ୟକାରୀ ହେଲେ ସ୍କୁଲ୍ ଓ କଲେଜରେ କାର୍ଯ୍ୟରତ ୧୨ ହଜାର କର୍ମଚାରୀଙ୍କ ଦରମା ହ୍ରାସ ପାଇବ। ଏହା ଦ୍ୱାରା କଲେଜ ଅଧ୍ୟାପକମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ଅଧ୍ୟାପକ ବିପିନ ସାହୁ କହିଛନ୍ତି। ସପ୍ତମ ବେତନ କମିଶନର ପ୍ରକୃତ ନିୟମରେ ଦରମା ପ୍ରଦାନ କଲେ ମାତ୍ର ୮୦ କୋଟି ଟଙ୍କାରେ ସମାଧାନ ହୋଇ ପାରିବ ବୋଲି ଅଧ୍ୟାପକମାନେ ମତବ୍ୟକ୍ତ କରିଛନ୍ତି। ନୂତନ ନିୟମ ଦ୍ୱାରା କେନ୍ଦୁଝର ଜିଲା ସମେତ ରାଜ୍ୟରେ ୬୬୨ ବର୍ଗର କଲେଜ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଗଠନର ସମ୍ପାଦକ ସତ୍ୟ ନାରାୟଣ ସାହୁ, ଅକ୍ଷୟ ସିଂ, ଆଶିଷ ରାଉତ, ସନ୍ତୋଷ ସେନାପତି, ବିନୋଦ ବିହାରୀ ସାହୁ ନାରାୟଣ ସାହୁ, ପ୍ରକାଶ ଆଚାର୍ଯ୍ୟ, ସଂଗ୍ରାମ କେଶରୀ ବେହେରା, ମୀନକେତନ ଗିରି, ଗଣେଶ୍ୱର ଖୁଣ୍ଟିଆ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ହୃଦ୍‌ଘାତରେ ଆଶାକର୍ମୀଙ୍କ ମୃତ୍ୟୁ

ରୂପସା, ୨୧।୧୧(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅଞ୍ଚଳର ଆଶା କର୍ମୀ ବୀନତି ଗିରିଙ୍କ ସୋମବାର ହୃଦଘାତରେ ପରଲୋକ ହୋଇଯାଇଛି। ମୃତକ ହେଲେ ସାର୍ଥା ଗାଁର ସୁଶାନ୍ତ ଗିରିଙ୍କ ସ୍ତ୍ରୀ ବୀନତି। ସେ ସକାଳେ ଡ୍ୟୁଟିରେ ବାହାରି ଯାଉଥିବାବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସମ୍ପର୍କରେ ସିଂଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୨୨) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଶଟର କାଟି ଗହଣା ଦୋକାନରୁ ଚୋରି

ଜଳେଶ୍ୱର, ୨୧।୧୧(ଡି.ଏନ୍.ଏ.)- ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥର ଆମ୍ବଲିଅଠା ଛକ ନିକଟରେ ଥିବା ଶିବ ଦୁର୍ଗା ଜୁଏଲେରୀରୁ କେତେକ ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ସଟର କାଟି ସୁନା ଓ ରୁପା ଗହଣା ଲୁଟି ନେଇଛନ୍ତି। ସୋଲପଟା ଅଞ୍ଚଳର ଦୋକାନ ମାଲିକ ଜିତେନ୍ଦ୍ର ରଣା ପ୍ରତିଦିନ ପରି ଦୋକାନରେ ଚାବି ପକାଇ ଘରକୁ ଯାଇଥିଲେ । ସୋମବାର ସକାଳେ ତାଙ୍କ ଦୋକାନ ସଟର ଭଙ୍ଗାଯାଇଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଖବର ଦେଇଥିଲେ । ମାଲିକ ଜଳେଶ୍ୱର ପୋଲିସକୁ ଖବର ଦେବା ପରେ ତଦନ୍ତ ଆରମ୍ଭ ହୋଇଛି। ପ୍ରାୟ ୫ଲକ୍ଷ ଟଙ୍କାର ବିଭିନ୍ନ ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି ।

### ସମବାୟ ସପ୍ତାହ ସମାରୋହ

ବାରିପଦା ଅଫିସ, ୨୧।୧୧- ମୟୂରଭଞ୍ଜ ଜିଲା ସମବାୟ ସଂଘ ପକ୍ଷରୁ ଜିଲାସ୍ତରୀୟ ସମବାୟ ସପ୍ତାହର ୬୯ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଦୀପ କୁମାର ଉପାଧ୍ୟାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବାରିପଦା ଖଣ୍ଡ ସମବାୟ ସମିତି ସମୂହର ଉପନିବନ୍ଧକ କୃଷ୍ଣଚନ୍ଦ୍ର ଦାସ ଓ ମୁଖ୍ୟବକ୍ତା ଭାବେ ବାରିପଦା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦର ସଭାପତି ସୁବ୍ରମଣ୍ୟମ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମବାୟ ସଂଘର ଉପାଧ୍ୟକ୍ଷ ସୁମତି ସିଂ, ଜିଲାର ବିଭିନ୍ନ ମଣ୍ଡଳର ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କ ମଧ୍ୟରେ ବାରିପଦାର ବିଶ୍ୱମୋହନ ବାରିକ, ରାଇରଙ୍ଗପୁରର ସୀମା ମୁର୍ମୁ, କରଞ୍ଜିଆର ବିକାଶ ଚନ୍ଦ୍ର ନାୟକ ଓ କପ୍ତିପଦାର ଶାସ୍ୱତୀ ମହାନ୍ତି ଏବଂ ସହକାରୀ ମହାସମୀକ୍ଷକ ବିଶ୍ୱମୋହନ ରଥ ପ୍ରମୁଖ ସମବାୟର ବିକାଶ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ।

# ଗାଁକୁ ଗାଁ ମାଡୁଛି ଲମ୍ପି

## ଚିନ୍ତାରେ ଗୋପାଳକ

ଖଇରା, ୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ଗ୍ରାମରେ ଲମ୍ପି ବା ଗୋବସନ୍ତ ଭାଇରସ ସଂକ୍ରମଣ ଯୋଗୁ ମୃତ୍ୟୁସଂଖ୍ୟା ବଢିଚାଲିଛି। ଅଧିକାଂଶ ସ୍ଥାନରେ ଗୋରୁଙ୍କୁ ସଂକ୍ରମିତ ଏବଂ ମୃତ୍ୟୁ ଆଶଙ୍କାକୁ ନେଇ ଗୋପାଳକମାନଙ୍କ ମନ ଭାରାକ୍ରାନ୍ତ ହେବାରେ ଲାଗିଛି । ତୁରନ୍ତ ସଚେତନତା ପୂର୍ବକ ରୋଗ ସଂକ୍ରମଣକୁ ରୋକିବାକୁ ଗୋପାଳକମାନେ ଦାବି କରିଛନ୍ତି। ଗତ ୭ଦିନ ତଳୁ ଏହି ରୋଗରେ ଗୋରୁ ସଂକ୍ରମିତ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବ୍ଲକର ନାରଣପୁର, ଡାଲଙ୍ଗ, କୁରୁଣ୍ଟା, ମାଣିତ୍ରୀ, ଅନ୍ତରା, ଝିଙ୍କିରିଆ, ଅଲିପୁର, ତୋଟାପଡା, କୁରୁଣ୍ଟା ଆଦି ଗ୍ରାମରେ ଏହି ରୋଗ ବ୍ୟାପକ ଆକାର ଧାରଣ କରିଥିବା ନେଇ ସ୍ଥାନୀୟ ଗ୍ରାମବାସୀ କହିଛନ୍ତି । ଶନିବାର ଡାଲଙ୍ଗ ଗ୍ରାମର ସନାତନ ପୃଷ୍ଟି, ଓ ରତ୍ନାକର ପୃଷ୍ଟିଙ୍କର ୨ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୭ଦିନରେ ପାଖାପାଖି ୨୦ରୁ ଅଧିକ ଗୋରୁଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ପ୍ରାଣୀଧନ ନିରୀକ୍ଷକମାନଙ୍କ ଚିକିତ୍ସା ସତ୍ତ୍ୱେ ବିଶେଷ କିଛି ସୁଫଳ ମିଳିନାହିଁ । ଏହି ରୋଗରେ ଗୋରୁ ଆକ୍ରାନ୍ତ ହେବା ପରେ ଦେହସାରା ଚେକଡା ଚେକଡା ହୋଇ ଫୁଲିଯିବା ସହ ଖଣ୍ଡିଆ ମଧ୍ୟ ହୋଇଯାଉଛି । ଗୋଟିଏ ଗୋରୁକୁ ହେବା ପରେ ଏହା ସଂସ୍ପର୍ଶରେ ଆସୁଥିବା ଅନ୍ୟ ଗୋରୁମାନେ ମଧ୍ୟ ସଂକ୍ରମିତ ହେଉଛନ୍ତି। ଆଣ୍ଟିବାଇଓଟିକ ବ୍ୟତୀତ ଅନ୍ୟ କୌଣସି ପ୍ରତିଷେଧକ ନ ଥିବାରୁ ଗୋରୁ ମାଲିକମାନଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଖଇରା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ରଘୁନାଥ ସିଂଙ୍କୁ ଯୋଗାଯୋଗ କରିବାରେ ଏହି ରୋଗ ସମ୍ପର୍କରେ ବହୁ ସ୍ଥାନରୁ ଫୋନ ଆସୁଛି। ହେଲେ ଏହି ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ । କେବଳ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଯିବା ସହ ସଚେତନତାର ଆବଶ୍ୟକତା ଅଛି । ଯଦି ଗୁହାଳରେ ଗୋଟିଏ ଗୋରୁ ସଂକ୍ରମିତ ହୁଏ ତେବେ ଅନ୍ୟ ସମସ୍ତଙ୍କୁ ବ୍ୟାପିବାର ଯଥେଷ୍ଟ ଆଶଙ୍କା ରହିଛି। ଏଣୁ ସଂକ୍ରମିତ ହେଉଥିବା ଗୋରୁକୁ ଅଲଗା କରି ବାନ୍ଧି ରଖାଯିବା ଉଚିତ୍। ସେପଟେ ଗ୍ରାମବାସୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସମସ୍ତ ପ୍ରାଣୀଧନ ନିରୀକ୍ଷକମାନଙ୍କୁ କୁହାଯାଇଛି।


ମାଣିତ୍ରୀ ନରଣପୁର ଗ୍ରାମରେ ଜଣେ ପ୍ରାଣୀଧନ ନିରୀକ୍ଷକ ଏକ ସଂକ୍ରମିତ ଗୋରୁର ରୋଗ ଓ ଲକ୍ଷଣ ତଦାରଖ କରୁଛନ୍ତି ।

## ୧୦ ଦଫା ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର



ଶୋଭାଯାତ୍ରାରେ ମହିଳା ନେତ୍ରୀମାନେ।

ଭଦ୍ରକ ଅଫିସ, ୨୧।୧୧

ଦରଦାମ ବୃଦ୍ଧି, ଜିଏସ୍‌ଟି ପ୍ରତ୍ୟାହାର, ମାସକୁ ଜଣଙ୍କ ପିଛା ୧୫ କିଲୋ ଚାଉଳ, ଭୂମିହୀନ ପରିବାରକୁ ଘରଡ଼ିହ ପଟ୍ଟା, ମାଇକ୍ରୋ ଫାଇନାନ୍ସ ଉପରେ ସରକାର ନିୟନ୍ତ୍ରଣ ଆଦି ୧୦ ଦଫା ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ସୋମବାର ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ବ୍ଲକ୍ ଓ ପୌରାଞ୍ଚଳବାସୀଙ୍କ କଣ୍ଟ୍ରୋଲ କାର୍ଡ଼ କାଟିବା, ମହିଳାଙ୍କ ଉପରେ ଅତ୍ୟାଚାର ପ୍ରତିବାଦ କରି ମହିଳା ସମିତି ପକ୍ଷରୁ ସୁରଜିତା ନାୟକ, ଶିଖା ମହାପାତ୍ର, ସୀତା ଦାଶ, ସୁମତି ନାୟକ, ଶାନ୍ତି ମୁଣ୍ଡା, ପାକିନୀ ମୁଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ବନ୍ତ ଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପ୍ରଭାତୀ ଜେନାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ମହିଳା ନେତ୍ରୀମାନେ ବକ୍ତବ୍ୟ ରଖିଥିଲେ। ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

## 'ଶିଶୁ ସାହିତ୍ୟରେ ମହତାବଙ୍କ ଅବଦାନ ଉଲ୍ଲେଖନୀୟ'


ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।

ବାଲେଶ୍ୱର ଅଫିସ, ୨୧।୧୧

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୪ ତମ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଲୋଚକ ଡ. ରମାକାନ୍ତ ବେହେରା ଯୋଗଦେଇ ଘଟଣା ବହୁଳ ଜୀବନରୁ ବିପୁଳ ଅନୁଭୂତି ଚୟନ କରି ହରେକୃଷ୍ଣ ମହତାବ ସାହିତ୍ୟ ସର୍ଜନାରେ ମନୋନିବେଶ କରିଥିବା ହେତୁ ତାଙ୍କ ଲେଖାରୁ ଏକ ପରିପକ୍ୱ ଅନ୍ତର୍ଦୃଷ୍ଟିର ପ୍ରତିଫଳନ ଲକ୍ଷ୍ୟ କରିହୁଏ ବୋଲି ପ୍ରକାଶ କରିଥିଲେ। ସେହିପରି ମୁଖ୍ୟଅତିଥି ସୋମା ଚାନ୍ଦ ଶିଶୁ ସାହିତ୍ୟ କ୍ଷେତ୍ରରେ ଡ. ମହତାବଙ୍କର ଉଲ୍ଲେଖନୀୟ ଭୂମିକା ରହିଛି ବୋଲି ମତ ଦେଇଥିଲେ।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଡ. ହରେକୃଷ୍ଣ ମହତାବ ଦେଶ ତଥା ଜାତୀୟ ସମସ୍ୟାକୁ ନିଜର ସମସ୍ୟା ମନେ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ଝଙ୍କାରର ପ୍ରତିଷ୍ଠାତା ରୂପେ ସେ ଅଗଣିତ ପାଠକ ନିକଟରେ ସ୍ୱତନ୍ତ୍ର ଆସନର ଅଧିକାରୀ ହୋଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ। ହରେକୃଷ୍ଣ ମହତାବ କେନ୍ଦ୍ରୀୟ ପାଠାଗାରର ନିର୍ଦ୍ଦେଶକ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଡ. ମହତାବଙ୍କ ଜୀବନୀ ସାଧନା ନିମିତ୍ତ ଏକ ପ୍ରଶସ୍ତ ମାର୍ଗଦର୍ଶନର ଯୋଗ୍ୟତା ରଖେ ବୋଲି ମତ ଦେଇଥିଲେ। ଡ. ଦେବାଶିଷ ପାତ୍ର ଏହି ଜୟନ୍ତୀ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ମୃତକଙ୍କ ପରିଚୟ ମିଳିଲା

ଠାକୁରମୁଣ୍ଡା,୨୧।୧୧(ଡି.ଏନ.ଏ.)

କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର ସୁନାରିପୋଷି ନିକଟରେ ଗତ ରବିବାର ରାତିରେ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ କେନ୍ଦୁଝର ଜିଲା ସହାରପଡ଼ା ବ୍ଲକ ଅଧୀନ ବାଇକଳା ଗ୍ରାମର ସୁରେଶ ଚନ୍ଦ୍ର ସେନାପତିଙ୍କ ପୁଅ ବେଦମୋହନ(୨୫)। ବେଦମୋହନ ଠାକୁରମୁଣ୍ଡା ନିକଟ ମହୁଲଡ଼ିହାଠାରେ ଥିବା ତାଙ୍କ ଭାଇ ପାଖକୁ ଆସି ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

## 'ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧ୍ୟମ'



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

### ଜିଲା ଖବରଦାତା ସଂଘର ବାର୍ଷିକୋତ୍ସବ

ବେତନଟୀ,୨୧।୧୧(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ଖବରଦାତା ସଂଘର ବାର୍ଷିକ ଉତ୍ସବ ରବିବାର ବେତନଟୀ ମହାବିଦ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅରୁଣ କୁମାର ଓତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପୂର୍ବତନ ରାଜ୍ୟ ଉତ୍କଳ ସମ୍ବାଦିକ ସଂଘ ସଭାପତି ମନୋଜ ଦାସ, ପଞ୍ଚପୀଢ ଉପଖଣ୍ଡରୁ ଉମାଶଙ୍କର ଦାସ, ବାମନଘାଟି ଉପଖଣ୍ଡରୁ ସୌରଭ ପଟ୍ଟନାୟକ, କପ୍ତିପଦା ଉପଖଣ୍ଡରୁ ସନ୍ତୋଷ ବାଚ୍ଛିନି, ବାରିପଦା ସଦର ଉପଖଣ୍ଡରୁ ନିହାର ରଞ୍ଜନ ବେହେରା, ପ୍ରେସ କ୍ଲବ ୨୪ X ୭ ର ସଭାପତି ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳରେ କାର୍ଯ୍ୟରତ ଖବରଦାତାମାନଙ୍କର ବିଭିନ୍ନ ସୁବିଧା ଏବଂ ଅସୁବିଧା ଉପରେ ଆଲୋକପାତ କରିଥିଲେ। ଅପରାହ୍ନରେ ଦ୍ୱିତୀୟ ଅଧିବେଶନରେ ମୋରଡ଼ା ବିଧାୟକ ରାଜକିଶୋର ଦାସ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତି, ପର୍ଯ୍ୟଟନମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ବୋଲି କହିଥିଲେ। ତପନ କୁମାର ପତିଙ୍କ ମଞ୍ଚ ପରିଚାଳନା କରିଥିଲେ। କୁମାର ବାବୁଲି ଅତିଥି ପରିଚୟ ଦେଇଥିଲେ। ବେତନଟୀ କଲେଜ ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ସିଂହ, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ନିହାର ରଞ୍ଜନ ମହାପାତ୍ର ଧନବାଦ ଦେଇଥିଲେ।

## ପିକ୍‌ଅପ୍ ଧକ୍କାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ପାଟଣା,୨୧।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ଦେଇ ଯାଇଥିବା ୪୯ ନମ୍ବର ମୁମ୍ବାଇ-କୋଲକାତା ଜାତୀୟ ରାଜପଥର ଚେମେଣା ନର୍ସରୀ ଛକରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକକୁ ପିକ୍‌ଅପ୍ ଭ୍ୟାନ ଧକ୍କା ଦେଇଥିଲା। ଫଳରେ ବାଇକ ପଛରେ ବସିଥିବା ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ବାରିଆ ଥାନା ଷଡ଼ଙ୍ଗୀ ଗ୍ରାମର ପୁଷ୍ପମଞ୍ଜରୀ ସାହୁ। ସେ ତୁରୁମୁଙ୍ଗା ସ୍ଥିତ ଏକ ଘରୋଇ ନର୍ସରୀ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀ ନର୍ସରୀ ସ୍କୁଲରେ କାର୍ଯ୍ୟ କରୁଥିବା କର୍ମଚାରୀ ଲକ୍ଷ୍ମୀକାନ୍ତ ମହାନ୍ତଙ୍କ ସହ ବାଇକରେ ଚେମେଣାକୁ ଯାଉଥିଲେ। ଚେମେଣା ନର୍ସରୀ ଛକରେ ଏକ ପିକ୍‌ଅପ୍ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ସେ ଚାଳକଙ୍କ ସହ ବାଇକରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଲକ୍ଷ୍ମୀକାନ୍ତ ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ପିକ୍‌ଅପ୍ ଫେରାର ହୋଇଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ। ଘଟଣାରେ କୌଣସି ଅଭିଯୋଗ ହୋଇ ନ ଥିବା ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୨୧।୧୧


ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ।

ବାଲେଶ୍ୱର ସଂସ୍କୃତି ଭବନ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଓଡ଼ିଶା ଲଳିତ କଳା ଏକାଡ଼େମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ 'ଅସ୍ମିତାର ଲହରୀ' ଶୀର୍ଷକ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ବରିଷ୍ଠ ଓ ଯୁବଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି। ଚିତ୍ରଗୁଡ଼ିକ ସୁଦୃଶ୍ୟ ଘଟଣାବଳୀ, ଆଦିବାସୀ କଳା ଓ ସଂସ୍କୃତି, ସ୍ୱାଧୀନତା ସଂଗ୍ରାମୀ, ପୁରାଣ କଥା, ମା' ଓ ଶିଶୁ, ଆଧୁନିକ ଶୈଳୀରେ ଅଙ୍କିତ ବିଭିନ୍ନ ଭାବନାକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢଙ୍ଗରେ ଅଙ୍କନ କରିଥିଲେ ଯାହା ମର୍ମସ୍ପର୍ଶୀ ହୋଇଥିଲା। ଏହି ଅବସରରେ ଜିଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱର ଚିତ୍ରଶିଳ୍ପୀ ଅରୁଣ ଜେନା, ବିଶ୍ୱଜିତ୍ ପ୍ରମାଣିକ, ଆନ୍ତର୍ଯ୍ୟାମୀ ସାହୁ, କବିତା ଦତ୍ତ, କ୍ରିଷ୍ଣା ଦେବଗୋସ୍ୱାମୀ ପ୍ରମୁଖ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀମାନେ ଉପସ୍ଥିତ ଥିଲେ । ପ୍ରଦର୍ଶନୀକୁ ଏକାଡ଼େମୀର ମରୁତ ରାଉତ ପରିଚାଳନା କରିଥିଲେ। ରେଣ୍ଟା ମାଝୀ, ତପନ ଦାସ, ଦେବେନ୍ଦ୍ର ଦାସ ସହଯୋଗ କରିଥିଲେ।

## ମୃତ ଖବରକାଗଜ ବିତରକଙ୍କ ପରିବାରକୁ ସହାୟତା


ସହାୟତା ପ୍ରଦାନ କରୁଛନ୍ତି।

ଚମ୍ପୁଆ,୨୧।୧୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ଖବରକାଗଜ ବିତରକ ଓମକାର ସାହୁଙ୍କ ମୃତ୍ୟୁପରେ ତାଙ୍କ ପରିବାର ଅସୁବିଧାରେ କାଳତିପାତ କରୁଛନ୍ତି। କିଛି ସହୃଦୟ ବ୍ୟକ୍ତିଙ୍କ ମିଳିତ ଉଦ୍ୟମରେ ଅସହାୟ ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଧରଣୀଧର ଦାସ, ଗଙ୍ଗାଧର କର, ଦୁଷ୍ମନ୍ତ ମହାନ୍ତ ପ୍ରମୁଖ ତାଙ୍କ ବିଧବା ପତ୍ନୀ ରିଙ୍କୁ ସାହୁଙ୍କୁ ଭେଟି ଅର୍ଥ ପ୍ରଦାନ କରିଥିଲେ। ଓମକାର ଜଣେ ଅମାୟିକ ଭଦ୍ର ମଣିଷ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିବା ବେଳେ ଚମ୍ପୁଆ ସଦର ମହକୁମାରେ ଦୀର୍ଘ ୩୦ବର୍ଷ ଧରି ଖବରକାଗଜ ବିତରଣ କରି ଆସୁଥିଲେ। ତାଙ୍କର ୧୨ ବର୍ଷ ଓ ୬ ବର୍ଷର ଦୁଇଗୋଟି ସନ୍ତାନ ଅଛନ୍ତି।

## 'ଇନର ହୁଇଲ' ପକ୍ଷରୁ ସାମାଜିକ କାର୍ଯ୍ୟର ସମୀକ୍ଷା

କେନ୍ଦୁଝର,୨୧।୧୧(ଡିଏନ୍ଏ)

କେନ୍ଦୁଝର ଇନର ହୁଇଲ କ୍ଲବ୍‌ର ବିଭିନ୍ନ ସାମାଜିକ କାର୍ଯ୍ୟକୁ ସମୀକ୍ଷା କରିଛନ୍ତି ଜିଲା ଅଧ୍ୟକ୍ଷା ଟି ଚିରଞ୍ଜିବୀ। ଏହି ଅବସରରେ ନରଣପୁରସ୍ଥ ପ୍ରୟାସ ଅବାସିକ ବିଦ୍ୟାଳୟରେ ରହୁଥିବା ଶାରୀରିକ ଅନଗ୍ରସର ଛାତ୍ରୀଛାତ୍ରଙ୍କର ଚଳଣିଗତ ବ୍ୟବସ୍ଥାର ଅନୁଧ୍ୟାନ ଏବଂ ସେମାନଙ୍କ ମଧ୍ୟରେ ଭାବ ବିନିମୟ କରାଯାଇଥିଲା। ରାମଚନ୍ଦ୍ରପୁରଠାରେ ବନବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ନେଇ କ୍ଷେତ୍ର ପରିଦର୍ଶନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ୟାଡ୍ ଡିସପୋଜାଲ ମେସିନ ପ୍ରଦାନ କରାଯାଇଥିଲା। କ୍ଲବ୍‌ର ସଭାନେତ୍ରୀ ସରିତା ପାତ୍ରଙ୍କ ପୌରହିତ୍ୟରେ ରୀତା କପୁର, ନିରୂପମା ସ୍ୱାଇଁ, ସୋନାଲୀ ସିଂହ, କଳ୍ପନା ରାଉତ, ନିଲମ ସାହୁ, ପୁଷ୍ପମିତ୍ରା କର, କ୍ଲବ୍‌ର ସଭାନେତ୍ରୀ ପ୍ରଣତି ମହାପାତ୍ର, ରୋଟାରିଆନ ଦେବବ୍ରତ ସ୍ୱାଇଁ, ଅଶ୍ୱିନୀ ପଟ୍ଟନାୟକ, ନିହାରରଞ୍ଜନ ପାତ୍ର, ବିଜୟ କପୁରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ମଞ୍ଚାସୀନ ଅତିଥିମାନେ।

## ମନ୍ଦିର ରାସ୍ତାରେ ଜମାହେଉଛି ଆବର୍ଜନା

କେନ୍ଦୁଝର,୨୧।୧୧(ସ୍ୱ.ପ୍ର.)

କେନ୍ଦୁଝର ସହରରେ ମଇଳା ଆବର୍ଜନା ଠିକ୍ ଭାବେ ପରିଚାଳନା ହୋଇପାରୁନାହିଁ। ବିଶେଷତଃ ମୁଖ୍ୟ ରାସ୍ତାକଡ଼ରେ ମଇଳା ଆବର୍ଜନା ଜମାହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ମନ୍ଦିର ଯାତାୟାତ ରାସ୍ତାରେ ମଧ୍ୟ ଆବର୍ଜନା ପକାଯାଉଥିବାରୁ ଧାର୍ମିକ ପରିବେଶ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ମୁତାବକ, ମଇଳା ଆବର୍ଜନାକୁ ସହର ବାହାରେ ନରଣପୁର ନିକଟ ହଳଦିଆଟାଙ୍ଗିରୀ ସ୍ଥିତ ଶିବ ମନ୍ଦିର ରାସ୍ତାରେ ପକାଯାଉଛି। ଆବର୍ଜନା ଗାଡ଼ିରେ ନେବା ସମୟରେ ରାସ୍ତା ଉପରେ ପଡ଼ି ପଡ଼ି ଯାଉଥିବାରୁ ଭକ୍ତମାନେ ପୂଜା କରିବା ପାଇଁ ସେସବୁ ମାଡି ଯିବାକୁ ବାଧ ହେଉଛନ୍ତି। ନିକଟରେ ଭାଜପାର ଜିଲା କାର୍ଯ୍ୟାଳୟ ରହିଥିଲେ ହେଁ ଭାଜପାର ନେତ୍ରୀ ପୌରାଧ୍ୟକ୍ଷା ଥିବାରୁ ପ୍ରତିବାଦ କରୁନାହାଁନ୍ତି ବୋଲି ଅଭିଯୋଗ ହେଉଛି। ସେସବୁ ମଇଳା ଆବର୍ଜନାକୁ ସେଠାରେ ପୋଡ଼ାଯାଉଥିବାରୁ ବାୟୁମଣ୍ଡଳ ମଧ୍ୟ ପ୍ରଦୂଷିତ କରୁଛି।


ରାସ୍ତା କଡ଼ରେ ପଡ଼ିଥିବା ଆବର୍ଜନା ପୋଡ଼ାଯାଉଛି।

### ବଢୁଛି ଜନ ଅସନ୍ତୋଷ

ସେହିପରି ଢାଙ୍ଗରପଡାଠାରେ ମୁଖ୍ୟ ରାସ୍ତା କଡ଼ରେ ତଥା ଶ୍ମଶାନ ଜମିରେ ମଇଳା ଆବର୍ଜନା ଜମା ହେଉଛି। ଏ ନେଇ ଲଘୁସମ୍ପ୍ରଦାୟର ଲୋକମାନେ ପ୍ରଶାସନକୁ ଜଣାଇଥିଲେ ହେଁ ପ୍ରତିକାର କରାଯାଉ ନ ଥିବାରୁ ଅସନ୍ତୋଷ ବଢୁଛି। ବର୍ଷା ଦିନରେ ବର୍ଜ୍ୟବସ୍ତୁର ମଇଳା ପାଣି ଆଖପାଖ ଅଞ୍ଚଳ ଜମି ଓ ଘରେ ପଶୁଛି। ସେହିପରି ଖରା ଦିନରେ ମଇଳା ଆବର୍ଜନା ଉଡ଼ି ଜନବସତିରେ ପଡୁଛି। ଏହା ନିକଟରେ ପୌରପାଳିକାର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ଆବାର୍ଜନା ଗନ୍ଧ ଯୋଗୁ ଉପଭକ୍ତା ଯିବାକୁ ଅମଙ୍ଗ ହେଉଥିବା ବ୍ୟବସାୟୀ କହିଛନ୍ତି।

## ନଦୀରେ ବୁଡ଼ି ଯୁବକ ମୃତ

ବଡ଼ସାହି,(ସ୍ୱ,ପ୍ର)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଚନ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ସଂକୁଚା ଗ୍ରାମର କରୁଣା କର ମୁର୍ମୁ (୪୭) ବୁଢ଼ା ବଳଙ୍ଗ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। କୋଣସି କାମରେ ନଦୀ ଆର ପାଖରେ ଥିବା ଗ୍ରାମକୁ ଯାଇ ଫେରୁଥିବା ସମୟରେ ସେ ପାଣିରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ଦେଖି ତୁରନ୍ତ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# କୁଶେଇ ସେତୁର ବିମ୍ ଖସିଲା

## ୩ ଗୁରୁତର, ଉଚ୍ଚସ୍ତରୀୟ ତଦନ୍ତ ଦାବି

କେନ୍ଦୁଝର/ଆନନ୍ଦପୁର, ୨୧।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଷିପୁରା ଥାନା ଅନ୍ତର୍ଗତ ବେଲବାହାଳି ନିକଟସ୍ଥ କୁଶେଇ ନଦୀ ଉପରେ ନିର୍ମାଣାଧୀନ ଦ୍ୱିତୀୟ ସେତୁର ବିମ୍ ଖସି ପଡ଼ିଛି। ଦୁର୍ଘଟଣାରେ ୩ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁରର ସନାକର ଦାସ, ହିଞ୍ଜିଳିକାଟୁର ଗଗନ ମହାନ୍ତି ଓ ପଶ୍ଚିମବଙ୍ଗର ରାଜ୍ୟର ଉମାର ଫାରୁକ୍ ବୋଲି ଜଣାପଡ଼ିଛି। ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲେ ହେଁ ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି। କ୍ରେନ୍‌ରେ ତ୍ରୁଟି ଦେଖାଦେବାରୁ ଏଭଳି ଘଟଣା ଘଟିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, କେନ୍ଦୁଝର ଜିଲାର ଲାଇଫ୍‌ଲାଇନ କୁହାଯାଉଥିବା ପାଣିକୋଇଲି-ରିମୁଳି ଏନ୍‌ଏଚ୍ ୨୦ର ବେଲବାହାଳି ନିକଟ କୁଶେଇ ନଦୀ ଉପରେ ଏହି ପୋଲ ନିର୍ମାଣ ହେଉଛି।


ଖସିପଡ଼ିଥିବା ବିମ୍।

ସୋମବାର ସକାଳ ୧୦ । ସମୟରେ ଏକ କଂକ୍ରିଟ୍ ବିମ୍‌କୁ ପୋଲ ଉପରକୁ କ୍ରେନ୍‌ରେ ଉଠାଯାଉଥିଲା । ଏହି ସମୟରେ ପୋଲର ପିଲାର ଓ ପିଲାର କ୍ୟାପ ଭାଙ୍ଗିଯାଇଥିଲା । ଫଳରେ ବିମ୍‌ଟି ପ୍ରାୟ ୩୦ ଫୁଟ ତଳକୁ ଖସି ଧ୍ୱସ୍ତ ହୋଇଯାଇଛି। କାର୍ଯ୍ୟରତ ୩ ଶ୍ରମିକ ଗୁରୁତର ହୋଇଛନ୍ତି। ଏ ନେଇ ଘଷିପୁରା ଥାନା ଅଧିକାରୀ ବିକ୍ରମ ଭୁୟାଁ କହିଛନ୍ତି, ତିନି ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। କିନ୍ତୁ ଅଦ୍ୟାବଧି କୌଣସି ଲିଖିତ ଅଭିଯୋଗ ହୋଇନି। ଅଭିଯୋଗ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଏଆରଏସଏସ ସଂସ୍ଥାର ଅଧିକାରୀ ନୀହାର ଦାସ କହିଛନ୍ତି, କାମ ଠିକ୍ ଭାବରେ ଚାଲିଛି। ବିମ୍‌କୁ ଉଠାଯାଇ ରଖାଯାଉଥିବା ବେଳେ କ୍ରେନ୍‌ର ଚେନ୍ ଛିଣ୍ଡି ଯିବାରୁ ବିମ୍‌ଟି ଖସି ପଡ଼ିଥିଲା।

### ନିମ୍ନମାନର କାମ ଅଭିଯୋଗ

ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ର କହିଛନ୍ତି, ଦୀର୍ଘ ବର୍ଷ ହେଲା କାମ ଚାଲିଥିଲେ ହେଁ ନିର୍ମାଣ ସରୁନାହିଁ। ନିମ୍ନମାନର କାମ ଓ ଉପଯୁକ୍ତ ତଦାରଖ ଅଭାବରୁ ଏଭଳି ଘଟିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଏଥିସହ ଦୁର୍ଘଟଣା ପରେ ପୋଲଟି ସମ୍ପୂର୍ଣ୍ଣ ଭାବରେ ଦୁର୍ବଳ ହୋଇ ପଡ଼ିଥିବାରୁ ଏହାକୁ ପୁଣିଥରେ ନିର୍ମାଣ କରିବାକୁ ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ଭଦ୍ରକ- ପୁରୀ ମେମୁ ଟ୍ରେନ ଶୀଘ୍ର ଚାଲିବ

ଭଦ୍ରକ ଅଫିସ, ୨୧।୧୧- ଭଦ୍ରକରୁ ମେମୁ ଟ୍ରେନ ଚଳାଚଳ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ସହିତ ପୂର୍ବତନ ବିଧାୟକ ନରେନ ପଲେଇଙ୍କ ନେତୃତ୍ୱରେ ଧାରଣା ଓ ରେଳରୋକୋ କରାଯାଇଥିଲା। ଏବେ ରେଳବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ମେମୁ ଟ୍ରେନ୍ ଭଦ୍ରକ ଚରମ୍ପା ରେଳଷ୍ଟେଶନରୁ ସକାଳ ୭ଟାରୁ ଭୁବନେଶ୍ୱର ଦେଇ ପୁରୀ ଯିବ ବୋଲି ଭଦ୍ରକ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ସୁବାସ ସାହୁ ସୂଚନା ଦେଇଛନ୍ତି। ଗତ ଶନିବାର ଦୁଲାଖାପାଟଣା ଷ୍ଟେଶନରେ ଦୁଇଜଣ ଯାତ୍ରୀ ଟ୍ରେନ୍‌ରେ ଚଢୁଥିବା ବେଳେ ଖସିପଡ଼ି ଆହତ ହେବା ପରେ ସେଠାରେ ରେଳରୋକୋ କରାଯାଇଥିଲା। ରେଳବିଭାଗର ଡିଆର୍‌ଏମ୍ ଭଦ୍ରକ ରେଳ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ରେଳ ଚଳାଚଳ ପାଇଁ ପ୍ରତିଶ୍ରୁତି ମଧ ଦେଇଥିଲେ। ଏଥିସହ ମେମୁ ଟ୍ରେନ ଶୀଘ୍ର ଚଳାଚଳ କରା ନ ଗଲେ ପୂର୍ବତନ ବିଧାୟକ ପଲେଇ ଭଦ୍ରକ ବନ୍ଦ ଡାକରା ଦିଆଯିବ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ, ଭଦ୍ରକରୁ ଭୁବନେଶ୍ୱର-ପଲାସା ଡିଏମ୍‌ୟୁ (ମେମୁ ଟ୍ରେନ) ପୂର୍ବରୁ ଚାଲୁଥିଲା। କରୋନା କଟକଣା ବେଳେ ଏହାକୁ ବନ୍ଦ କରାଯାଇଥିଲା। କଟକଣା ହଟିବା ପରେ ମେମୁ ଟ୍ରେନକୁ ଭଦ୍ରକ ପରିବର୍ତ୍ତେ ବାଲେଶ୍ୱରରୁ ଚଳାଚଳ ଆରମ୍ଭ କରାଯାଇଥିଲା। ଭଦ୍ରକରୁ ପୁରୀ ଚଳାଚଳ ଆରମ୍ଭ ହେଲେ ଭଦ୍ରକର ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ଆଶା ବାନ୍ଧିଛନ୍ତି।

### ଚାନ୍ଦବାଲି ସ୍କୁଲ୍ ଚାମ୍ପିୟନ

#### ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ୍

ଭଦ୍ରକ ଅଫିସ,୨୧।୧୧- ଭଦ୍ରକ ନେହେରୁ ଷ୍ଟାଡିୟମରେ ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଅପର୍ତିବିନ୍ଧାର ଶ୍ରୀ ସତ୍ୟସାଇ ବିଦ୍ୟାପୀଠ ଓ ଚାନ୍ଦବାଲି ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସତ୍ୟସାଇ ବିଦ୍ୟାପୀଠ ପ୍ରଥମ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ୧୧୭ ରନ୍ କରିଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ମହାନ୍ତି ସର୍ବାଧିକ ୨୧ରନ୍ କରିଥିବା ବେଳେ ଚାନ୍ଦବାଲି ପକ୍ଷରୁ ସମୀର ନନ୍ଦ ୩.୪ ଓଭରରେ ୧୦ ରନ ଦେଇ ୪ଟି ଉଇକେଟ୍ ନେଇଥିଲେ। ଜବାବରେ ଚାନ୍ଦବାଲି ସ୍କୁଲ ବିଜୟ ଲକ୍ଷ୍ୟକୁ ପିଛା କରି ୬ ଉଇକେଟ ହରାଇ ୧୨୦ରନ କରି ବିଜୟ ହାସଲ କରିଥିଲା। ସମୀର ନନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିବା ବେଳେ ଚାନ୍ଦବାଲିର ଆଶିଷ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ସିରିଜ ବିବେଚିତ କରାଯାଇଥିଲା।

### ରୋଟାରୀ କ୍ଲବ୍ ପକ୍ଷରୁ କମ୍ବଳ ବଣ୍ଟନ

କେନ୍ଦୁଝର,୨୧।୧୧(ଡି.ଏନ୍.ଏ): କେନ୍ଦୁଝର ରୋଟାରୀ କ୍ଲବ୍ ପକ୍ଷରୁ ବନବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କ୍ଲବ୍‌ର ସଭାନେତ୍ରୀ ପ୍ରଣତୀ ମହାପାତ୍ରଙ୍କ ନେତୃତ୍ୱରେ ଆଦିବାସୀ ବହୁଳ ବାଂଶପାଳ ବ୍ଲକ୍‌ର ଟେଂଟୋଡ଼ିହୀ ଏବଂ ଲତା ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳାଙ୍କୁ କମ୍ବଳ ଏବଂ ଶାଢ଼ୀ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ରୋଟାରୀଆନ ସତ୍ୟଜିତ୍ ନନ୍ଦ, ସଞ୍ଜୟ ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ବସନ୍ତ ଦାନୀ, ଅବସରପ୍ରାପ୍ତ ଜିଲା ଚିକିତ୍ସା ଅଧିକାରୀ ଡ଼ା. ଭାରତୀ ମହାପାତ୍ର, ସବିତା ବେହେରା, ଅମୀୟ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଓଡ଼ିଶା ଇତିହାସ କଂଗ୍ରେସ ଅଧିବେଶନ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଅଫିସ, ୨୧।୧୧

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଇତିହାସ କଂଗ୍ରେସର ୪୨ତମ ଅଧିବେଶନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ ଶିକ୍ଷାସଂସ୍ଥାନରେ ଶୈକ୍ଷିକ ବାତାବରଣର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ସଭା ଆରମ୍ଭରେ ଡ. ସୁଶାନ୍ତ କୁମାର ବାରିକ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ପରିଚୟ ପ୍ରଦାନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ଏହି ଅଞ୍ଚଳର ଜଣାଶୁଣା ଐତିହାସିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମୂଲ୍ୟ କର, ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଏବଂ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ. ଗଣେଶ୍ୱର ନାୟକ ପ୍ରତ୍ୟେକଙ୍କୁ ଏକ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ଅଧିବେଶନରେ ଆଲୋଚନାର ବିଭିନ୍ନ ବିଷୟବସ୍ତୁର ସାରତତ୍ତ୍ୱ ପଠନ କରାଯାଇଥିଲା। ୪୨ ତମ ଇତିହାସ କଂଗ୍ରେସର ଆଞ୍ଚଳିକ ସମ୍ପାଦକ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଏହି ଅଧିବେଶନର ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଶା ଇତିହାସ କଂଗ୍ରେସର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଡ. ଦେବାଶିଷ ପାତ୍ର, ଡ. ସ୍ମିତି ପାଢ଼ୀ, ଡ. ଶିଖାଶ୍ରୀ ରାୟ ଓ ଜୀନା ପ୍ରିୟଙ୍କା ଜେଠି ଏହି ସଭାର ପରିଚାଳନା କରିଥିଲେ। ଏହି ଅଧିବେଶନରେ ଓଡ଼ିଶା ଇତିହାସ କଂଗ୍ରେସର ନୂତନ ସଭାପତି ଭାବେ ପ୍ରଫେସର ହରିହର ପଣ୍ଡାଙ୍କୁ ନିର୍ବାଚିତ କରାଗଲା।

# ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ



ଅନୁଷ୍ଠିତ ବୈଠକରେ ଓଷ୍ଟାର କର୍ମକର୍ତ୍ତା।

### ସପ୍ତମ ବେତନ ପ୍ରଦାନ ବିଜ୍ଞପ୍ତିରେ ତ୍ରୁଟି ପ୍ରସଙ୍ଗ

ଭଦ୍ରକ ଅଫିସ,୨୧।୧୧

ସପ୍ତମ ବେତନ ପ୍ରଦାନ ବିଜ୍ଞପ୍ତିରେ ତ୍ରୁଟି ପ୍ରସଙ୍ଗରେ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସରାକରଙ୍କ ବିରୋଧରେ ଗଣ ଆନ୍ଦୋଳନ ଚେତାବନୀ ଦିଆଯାଛି। ଏନେଇ ଓଷ୍ଟା ଜିଲା ସଭାପତି ରମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସୂଚନା ମୁତାବକ, ରାଜ୍ୟ ସରକାର ନୂତନ ଅନୁଦାନପ୍ରାପ୍ତ ସ୍କୁଲକୁ ସପ୍ତମ ବେତନ ପ୍ରଦାନ ପାଇଁ କ୍ୟାବିନେଟ ମଞ୍ଜୁର କରି ବିଜ୍ଞପ୍ତି ପ୍ରକାଶ କରିଥିଲେ। ପ୍ରକାଶିତ ବିଜ୍ଞପ୍ତି ତ୍ରୁଟିଯୁକ୍ତ ଓ ଶିକ୍ଷକ କର୍ମଚାରୀ ସ୍ୱାର୍ଥ ବିରୋଧୀ ହୋଇଥିବାରୁ ରାଜ୍ୟ ଓଷ୍ଟା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିବାଦ କରିଥିଲା। ପରେ ଏହାର ସଂଶୋଧନ ପାଇଁ ସରକାରଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥିଲା। ଉକ୍ତ ବୁଝାମଣାର ନିଷ୍ପତ୍ତିକୁ ରାଜ୍ୟ ସରକାର ୧୧ମାସ ମଧ୍ୟରେ କାର୍ଯ୍ୟକାରୀ ନ କରିବାରୁ ରାଜ୍ୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟାର ସମାଧାନ ନ ହେଲେ ଓଷ୍ଟା ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘର ରାଜ୍ୟ ଓ ଜିଲା ନେତୃତ୍ୱ ଚେତାବନୀ ଦେଇଛନ୍ତି। ମାଧ୍ୟମିକ ସ୍କୁଲରେ ପ୍ରାୟ ୩୨ ହଜାରରୁ ଉର୍ଦ୍ଧ୍ୱ ଚୁକ୍ତି ଭିତ୍ତିକ ଶିକ୍ଷକମାନଙ୍କ ମଧ୍ୟରୁ ୧୪ ହଜାର ଶିକ୍ଷକ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ତୁରନ୍ତ ସପ୍ତମ ବେତନ ମୋଡାଲିଟିରେ ଥିବା ତ୍ରୁଟିକୁ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ ନ କଲେ ଆସନ୍ତା ୧ରୁ ୫ ତାରିଖ ବିଇଓ ଅଫିସ ଆଗରେ, ୭ ରେ ଜିଲାପାଳ ଓ ଡିଇଓ ଅଫିସ ଆଗରେ ବିକ୍ଷୋଭ କରାଯିବ ବୋଲି ଓଷ୍ଟାର ରାଜ୍ୟ ସଂଗଠନ ସମ୍ପାଦକ ସୁରଜିତା ନାୟକ, ରାଜ୍ୟ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ରାଜ୍ୟ କର୍ମଚାରୀ ସଭ୍ୟ ଅକ୍ଷୟ ହୋତା, ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ବୈକୁଣ୍ଠ ବିଶ୍ୱାଳ, ସୁବଳ ପତ୍ରୀ, ହେମନ୍ତ ସୂତାର, ଶଶିଶେଖର କରଶର୍ମା, ପ୍ରଭାତ ପାଣିଗ୍ରାହୀ, ଅରୁଣ ଶତପଥି, ଅନୀଲ ମିଶ୍ର, ବସନ୍ତ ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଚୋରି ଅଭିଯୋଗରେ ୩ ଗିରଫ

ସାରସକଣା,୨୧।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଦେଇଯାଇଥିବା ୪୯ନଂ. ଜାତୀୟ ରାଜପଥରୁ ସେଫ୍ଟି ପ୍ଲେଟ ଚୋରି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଖାରପୋଖରିଆ ଥାନା ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଦିଆଯାଇଥିବା ଜିଆଇ ସୁରକ୍ଷା ବାଡ ଚୋରି ନେଇ କମ୍ପାନୀ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୨୬/୨୨) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ବାଙ୍ଗିରିପୋଷି ଥାନା ଅଧୀନ ଗହ୍ମାପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରୁ ଏକ ପିକ୍‌ଅପ ଭ୍ୟାନ ସହିତ ଚୋରି ସାମଗ୍ରୀକୁ ପୋଲିସ ଜବତ କରିଥିଲା। ପରେ କୁଳିଅଣା ଥାନା ଅଧୀନ ତିତିରି ଗ୍ରାମର ସିପୁନ ବେହେରା(୨୫),ପାରିଆକୁଲି ଗ୍ରାମର ବିଜୁ ରଣା(୩୦) ଓ ବାଙ୍ଗିରିପୋଷି ଥାନା ଅଧୀନ ଗହ୍ମାପୁର ଗ୍ରାମର କାଳିପଦ ସିଂ(୩୨)ଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କହିଛନ୍ତି ।

## ମହତାବ ମହୋତ୍ସବରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ମହତାବ ମହୋତ୍ସବରେ ଯୋଗ ଦେଇଥିବା ଅତିଥି ଓ କୃତୀ ଛାତ୍ରୀଛାତ୍ରମାନେ।

ସିମୁଳିଆ, ୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ମହତାବ ସ୍ମୃତି ସଂସଦ ଦ୍ୱାରା ୧୨୪ତମ ମହତାବ ମହୋତ୍ସବ ପାଳିତ ହୋଇଯାଇଛି। ସୋମବାର ମହତାବ ମଣ୍ଡପରେ ଅନୁଷ୍ଠିତ ଉତ୍ସବକୁ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଗୋକୁଳାନ୍ଦ ମିଶ୍ର ଉଦ୍‌ଘାଟନ କରିଥିଲେ । ସଂସଦ ସଭାପତି ସାଧୁ ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ କିର୍ତ୍ତନ ବିହାରୀ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଳିକ, ବରିଷ୍ଠ ନାଗରିକ ସନାତନ ବେହେରା, ଶରତଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ସ୍ୱାଗତ ସମ୍ବର୍ଦ୍ଧନା ଓ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ କୃତ୍ତିବାସ ପଣ୍ଡା ବିବରଣୀ ପାଠ କରିଥିଲେ । ଏହି ଅବସରରେ ମେଧାବୀ ଡାକ୍ତରୀ ଛାତ୍ରୀ ସଞ୍ଜୁକ୍ତା ସାହୁ, ଇଞ୍ଜିନିୟରିଂ ପଢୁଥିବା ଛାତ୍ର ଶିବ ପ୍ରସାଦ ମାଝିଙ୍କୁ ମହତାବ ମେଧା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଜାତୀୟ ଗ୍ରାମାଞ୍ଚଳ ମେଧା ଅନ୍ୱେଷଣ ଯୁଗ୍ମ ରୂପେ ଶ୍ରୀମାନ ପ୍ରିନ୍ସ ପ୍ରୟାସ ବାରିକ ଓ ସାଇ ପ୍ରିତମ ଶିଅଳଙ୍କୁ ଆର୍ଥିକ ସହାୟତା ସମେତ ସମ୍ମାନିତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଲକ୍ଷ୍ମୀପ୍ରିୟା ସିଂଙ୍କୁ ଅସୁମାରୀ ମେଧା ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ନୟାନା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# କୃଷି ସଚେତନତା ରଥର ଶୁଭାରମ୍ଭ

ଚମ୍ପୁଆ,୨୧।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ କୃଷି ବିଭାଗ ପକ୍ଷରୁ କୃଷିଭିତ୍ତିକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲା କୃଷିଅଧିକାରୀ ବିଜୟ ସ୍ୱାଇଁ, ବ୍ଲକ୍ ସଭାପତି ସୁରେଶଚନ୍ଦ୍ର ନାଏକ, ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର ଓ ରମାମଣୀ ସାହୁ ପ୍ରମୁଖ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ରଥ ବ୍ଲକ୍‌ର ୨୨ ପଞ୍ଚାୟତ ପରିଭ୍ରମଣ କରି ରଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃର୍ତ୍ତିକା ନମୁନା ପରୀକ୍ଷା ଓ ସ୍ୱାସ୍ଥ୍ୟକାର୍ଡ, ଇ-ରୋଗପୋକ ସର୍ବେକ୍ଷଣ ଓ ପରିଚାଳନା,


ବ୍ଲକ୍ କୃଷି ଅଧିକାରୀ କୃଷିରଥ ଶୁଭାରମ୍ଭ କରୁଛନ୍ତି।

ରାଜ୍ୟ ଯୋଜନାରେ ଶତ ପ୍ରତିଶତ ବୀହନ ବିଶୋଧନ ଅଭିଯାନ, ଗୋ ସୁଗମ, ବଳରାମ ଯୋଜନା, ଡାଲି ଫସଲରେ ଡିଏପି ସାରର ବ୍ୟବହାର, ଧାଡ଼ିରୁଆ ଧାନଚାଷ, ଚାଷୀଙ୍କ ପାଇଁ ଉର୍ଦ୍ଧିଷ୍ଟ ଋଣ ଓ ତାହାର ସବ୍‌ସିଡ୍ ବିଷୟରେ ପ୍ରଚାର କରିବା ସହିତ କୃଷକ ସାଥି ମାଧ୍ୟମରେ ଚାଷୀଙ୍କୁ ସଚେତନ କରିବା ଲକ୍ଷ୍ୟ ରଖାଯାଇଛି।

## ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ପାଟଣା,୨୧।୧୧(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଭିମାପଡ଼ା ନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମର ଆନନ୍ଦ କାରୁଆ (୬୫)। ସେ ସାଇକେଲ ଯୋଗେ ହାଟରୁ ଫେରୁଥିଲେ। କେନ୍ଦୁଝର ପାର୍ଶ୍ୱରୁ ଆସୁଥିବା ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ପାଟଣା ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ବାଟରେ ତାଙ୍କର ମୃତ୍ୟୁ ଘଟିଛି।

## ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ାଉ

ବଡ଼ସାହି,୨୧।୧୧(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ସଂଯୁକ୍ତା ହେମ୍ବ୍ରମ ସୋମବାର ଚଢ଼ାଉ କରିଥିଲ। ଅଙ୍ଗାରଗଡ଼ିଆସ୍ଥିତ ଏକ ଦୁଗ୍ଧ ପ୍ଲାଣ୍ଟ, ବିଭିନ୍ନ ମିଷ୍ଟାନ୍ନ ଦୋକାନ ବୁଲି ଦେଖିବା ସହିତ ଖାଦ୍ୟ ବିକ୍ରି ପାଇଁ ପ୍ରମାଣ ପତ୍ର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ୧୫ ପ୍ରକାର ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରି ମାନ ଯାଞ୍ଚ ପାଇଁ ପଠାଯାଇଛି। ଆଗକୁ ଏହିପରି ଚଢ଼ାଉ ବାରମ୍ବାର କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରିଣୀ କହିଛନ୍ତି।

# ଖୁଣ୍ଟା ବ୍ଲକ ଘେରାଉ କଲା ଭାଜପା

ଗୋପବନ୍ଧୁ ନଗର,୨୧।୧୧(ଡି.ଏନ.ଏ.)

ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବା, ବାର୍ଦ୍ଧକ୍ୟ ଭତ୍ତା୧୫ଶହ ଟଙ୍କାକୁ ବୃଦ୍ଧି କରିବା, ଧାନ ମଣ୍ଡିରେ କଟଣି ଛଟଣି ବନ୍ଦ କରିବା, ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଉପରେ ଜୁଲମ ଓ ଶୋଷଣ ବନ୍ଦ କରିବା, ମନରେଗା ଯୋଜନାରେ ଶ୍ରମ ଦିବସ ସୃଷ୍ଟି କରି ଗରିବ ଓ ବେକାରୀଙ୍କୁ କାମ ଯୋଗାଇ ଦେବା, ଗରିବ ଲୋକଙ୍କୁ ଗୁହାଳ ଯୋଗାଇ ଦେବା ସହ ଚାଷ ଜମିକୁ ଉନ୍ନତି କରଣ କରିବା, ବୃଦ୍ଧା ବୃଦ୍ଧମାନଙ୍କ ଭତ୍ତା ନିକଟସ୍ଥ ପୋଷ୍ଟ ଅଫିସ ଓ ବ୍ୟାଙ୍କ ମାଧ୍ୟମରେ ଯୋଗାଇ ଦିଆଯିବା, ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା, ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରି ଚାଷ ଜମିକୁ ପାଣି ଯୋଗାଇ ଦେବା ପ୍ରଭୃତି ୧୦ଦଫା ଦାବି ନେଇ ସୋମବାର ଭାଜପା ପକ୍ଷରୁ ଖୁଣ୍ଟା ବ୍ଲକ ଘେରାଉ କରା ଯାଇଥିଲା। ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରା କଲେଜ ପଡ଼ିଆରୁ



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭାଜପା କର୍ମକର୍ତ୍ତା।

ବାହାରି ଖୁଣ୍ଟା ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବ୍ଲକ ସମ୍ମୁଖରେ ରାଜ୍ୟ ସରକାର ଓ ବ୍ଲକ ପ୍ରଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ପୂର୍ବତନ ଜିଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ରାଜ୍ୟ ସରକାର ଓ କର୍ମଚାରୀଙ୍କ ଦୁର୍ନୀତି ବିରୋଧରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ରଞ୍ଜନ କୁମାର ମଣ୍ଡୁଆଳ, ଏସସି ମୋର୍ଚ୍ଚା ଜିଲା ସଭାପତି ଶ୍ରୀଧର ବେହେରା, ପୂର୍ବତନ ମଣ୍ଡଳ ସଭାପତି ସର୍ଦ୍ଦାର ହେମ୍ବ୍ରମ, ୧୨ ଓ ୧୩ ନଂ. ଜୋନର ମଣ୍ଡଳ ସଭାପତି ଜଟାଧାରୀ କର ଓ ଭବାନୀ ଶଙ୍କର ଲେଙ୍କା ପ୍ରମୁଖଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା ହୋଇଥିଲା। ଶେଷରେ ୧୦ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

# ଜୀବନଶୈଳୀକୁ ସହଜ କରିଛି ବିଜ୍ଞାନ

ରୂପସା/ବସ୍ତା, ୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ପାଉଁଶକୁଲି ଶ୍ରୀନାଥ ଚନ୍ଦ୍ର ଉ.ପ୍ରା. ବିଦ୍ୟାଳୟରେ ଆୟୋଜିତ ଦୁଇଦିନିଆ ବ୍ଲକସ୍ତରୀୟ ବିଜ୍ଞାନମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଲଲାଟେନ୍ଦୁ କେଶରୀ ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ, ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନ ସମସ୍ତଙ୍କ ଜୀବନଶୈଳୀକୁ ସହଜ କରିଛି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ, ସମ୍ମାନନୀୟ ଅତିଥି ବସ୍ତା ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଜଳି ଦାସ, ସାମାଜିକ କର୍ମୀ ଲକ୍ଷ୍ମୀଧର ଦାସ, ଜିଲାପରିଷଦ ସଦସ୍ୟା ସୁଜାତା



ଅତିଥିଙ୍କ ଗହଣରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର।

ଦଣ୍ଡପାଟ, ଏବିଇଓ ବାସନ୍ତୀ ପୃଷ୍ଟି, ସରପଞ୍ଚ ବିନ୍ଦୁବାଳା ସେନାପତି, ସମିତିସଭ୍ୟା ସୁମିତ୍ରା ପାତ୍ର ଓ ଅନାଦି ଦାସ, ଗିରିଜା ଶଙ୍କର ମହାନ୍ତି, ପ୍ରଧାନ ଶିକ୍ଷକ ଅସିତ କୁମାର ଦାସ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ସବ୍ ଜୁନିଅର, ଜୁନିଅର ଓ ସିନିଅର ବିଭାଗରେ ୧୫୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ସିନିଅର ବିଭାଗରେ ୪ଟି ଓ ଜୁନିଅର ବିଭାଗରେ ୩ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା।

### ବିଜ୍ଞାନମେଳାରେ ୧୫୯ ପ୍ରକଳ୍ପ ପ୍ରଦର୍ଶିତ

ସୋମବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଲାଟେନ୍ଦୁ କେଶରୀ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ପଞ୍ଚାୟତ ସମିତି ଉପାଧକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ମୁଖ୍ୟବକ୍ତା ପ୍ରାଧ୍ୟାପକ କେଦାର ନାଥ ମହାନ୍ତି, ସମ୍ମାନିତ ଅତିଥି ଶିକ୍ଷକନେତା ଇନ୍ଦୁ ମାଧବ ମହାନ୍ତି, ସରପଞ୍ଚ ପ୍ରଭାତ କୁମାର ଦାସ, ଏବିଇଓ ବିଜୟ କୁମାର ଜେନା ଓ ହରେନ୍ଦ୍ର ନାଥ ଗିରି, ପ୍ରାକ୍ତନ ଏବିଇଓ ଧନଞ୍ଜୟ ବେହେରା ପ୍ରମୁଖ ଯୋଗଦେଇ ବିଜ୍ଞାନର ଅବଦାନକୁ ପ୍ରତିଟି କ୍ଷେତ୍ରରେ ବ୍ୟବହାର କରି ସମସ୍ତେ ଉପକୃତ ହେଉଥିବା ବକ୍ତବ୍ୟରେ କହିଥିଲେ। ଶେଷରେ ବ୍ଲକ ବିଜ୍ଞାନ ସଂଯୋଜକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯଜ୍ଞ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

ପଦ୍ମପୁର,(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ପଦ୍ମପୁର ପଞ୍ଚାୟତର ଗୀତାଜ୍ଞାନ ଯଜ୍ଞ ମଣ୍ଡପ ଓ କାଳୀପଡ଼ିଆର ସୌନ୍ଦର୍ଯ୍ୟକରଣ ପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ବ୍ଲକର ନରସିଂହପୁର, ସାନକୃଷ୍ଣପୁର, ବାଲିମେଦ, ଏଡ଼ତାଳ, ବାଲିମୁଣ୍ଡା, ଅଡୁଁଆ ପଞ୍ଚାୟତର ଗ୍ରାମବାସୀଙ୍କୁ ଭେଟି ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାସ, ବ୍ଲକ୍ ବିଜେଡି ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ସସ୍ମିତା ବିଶ୍ୱାଳ, ରାଜେନ୍ଦ୍ର ନାରାୟଣ ନାୟକ, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ଓ ବଂଶୀଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ରାଜପଥ ୮ ଘଣ୍ଟା ଠପ୍

ଭୋଗରାଇ, ୨୧।୧୧(ଡ଼ି.ଏନ.ଏ.)


ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ କରି ରାଜରାସ୍ତାରେ ମହିଳା।

ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥ ଦାରୁହା ଛକଠାରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ସୋମବାର ସକାଳ ୯ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ଏହି ମୁଖ୍ୟରାସ୍ତାକୁ ଅବରୋଧ କରି ନାରାବାଜି ପ୍ରଦର୍ଶନ କରିଥିଲେ।

୧୯୯୧ ମସିହାରୁ ଦାରୁହାଠାରେ ପ୍ରଥମେ ୟୁବିଆଇ ବ୍ୟାଙ୍କ ଖୋଲିବା ପରେ ପିଏନବି ବ୍ୟାଙ୍କକୁ ରୂପାନ୍ତରିତ ହୋଇଥିଲା। ଗ୍ରାମବାସୀ ସୁବିଧାରେ ଦୀର୍ଘବର୍ଷ ଧରି ବ୍ୟାଙ୍କରେ ନେଣଦେଣ କରିଆସୁଥିବା ବେଳେ ଏହି ବ୍ୟାଙ୍କ ଅନତ୍ର ସ୍ଥାନାନ୍ତର କରାଯିବାର ଗ୍ରାହକମାନେ ସୂଚନା ପାଇବାରୁ ବିସ୍ଫୋରକ ସ୍ଥିତି ଉପୁଜିଥିଲା। ଆନ୍ଦୋଳନକାରୀଙ୍କ ରାସ୍ତାରୋକୋ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ୧ କି.ମି ଦୂର ପର୍ଯ୍ୟନ୍ତ ଯାନବାହନ ଏକପ୍ରକାର ଠପ୍ ହୋଇଯାଇଥିଲା। ଦୂରଦୂରାନ୍ତକୁ ଯାଉଥିବା ଓ ଫେରୁଥିବା ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନାପାଇ ଭୋଗରାଇ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ପିଏନବିର ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରି ଆସନ୍ତା ୨୫ ତାରିଖରେ ଉଭୟ ଆନ୍ଦୋଳନକାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କ ସହିତ ବୈଠକ ହେବାର ସିଦ୍ଧାନ୍ତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋରୁ ହଟିଥିଲେ।

## ସଂକ୍ଷେପରେ

### ୧୫୫ ଗ୍ରାମ୍ ବ୍ରାଉନସୁଗାର ଜବତ

ବାରିପଦା ଅଫିସ/ନୀଳଗିରି, ୨୧।୧୧(ସ୍ୱ.ପ୍ର.)-ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ି ଚାଲିଛି। ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଓଲଡ଼ଂ ଅଞ୍ଚଳରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇ ୧୩୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଭଗବତୀ ସାମଲ (୪୨) ନାମ୍ନୀ ମହିଳା ଗିରଫ ହୋଇଛନ୍ତି। ପୂର୍ବରୁ ଉକ୍ତ ଗ୍ରାମରୁ ମଧ ବ୍ରାଉନସୁଗାର ଜବତ ହୋଇଥିଲା। ଚଢ଼ାଉରେ ଜିଲା ମୋବାଇଲ୍ ସ୍କ୍ୱାଡ୍ ଗାଲୁରାମ ସରେନ ନେତୃତ୍ୱ ନେଇଥିଲେ। ସେହିପରି ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ସୋମବାର ୨୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଷ୍ଟାଡିୟମ ଗୋଲେଇ ଛକ ନିକଟରେ ଅଟକି ଥିବା ଏକ ବସ୍‌ରେ ପୋଲିସ ଚଢ଼ାଉ କରି ଏହି ବ୍ରାଉନସୁଗାର ଜବତ କରିଥିବା ନେଇ ସୂଚନା ଦେଇଛି। ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ବେଳେ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ସାନଘାଗରା ପ୍ରବେଶ ପଥ ଗେଟ୍‌କୁ ପିଟିଲା ବୋଲେରୋ

କେନ୍ଦୁଝର, ୨୧।୧୧ (ସ୍ୱ.ପ୍ର.) : ସାନଘାଗରା ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନାହିଁ। ରବିବାର ଦିନ ପର୍ଯ୍ୟଟନ ସ୍ଥଳରେ ଭିଡ଼ ଥିବା ବେଳେ ମୁଖ୍ୟ ପ୍ରବେଶ ପଥ ଗେଟ୍‌କୁ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଦୁଇ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଏବେ ଦଉଡ଼ି ବାନ୍ଧି ଗେଟ୍‌ରେ ଜଗିବାକୁ ପଡୁଛି। ଏବେ ପର୍ଯ୍ୟଟକଙ୍କ ଭିଡ଼ ହେଉଥିବାରୁ ସ୍ଥଳର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।

### ବାଇକ୍ ମୁହାଁମୁହିଁ, ଜଣେ ମୃତ

ଯୋଡ଼ା,୨୧।୧୧(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ତଥା ୫୨୦ ନଂ. ଜାତୀୟ ରାଜପଥର ଲହଣ୍ଡା ଆଦର୍ଶ ବିଦ୍ୟାଳୟ ନିକଟରେ ସୋମବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛନ୍ତି। ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକହେଲେ କାଳିଆବେଡ଼ା ଗ୍ରାମ ମୁଣ୍ଡାସାହିର ବାବଲୁ ମୁଣ୍ଡା(୩୦), ଗୁରୁତର ଦ୍ୱୟଙ୍କ ପରିଚୟ ମିଳି ପାରି ନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ ନଂ. ଓ ଆର ୦୯ଏନ ୬୬୧୫ ଓ ଓଡ଼ି ୦୯କେ ୯୫୨୮କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

ପାଟଣା,୨୧।୧୧(ସ୍ୱ. ପ୍ର.): କେନ୍ଦୁଝର ଅବକାରୀ ବିଭାଗ ପାଟଣା ଥାନା ଅଞ୍ଚଳରେ ସୋମବାର ଚଢ଼ାଉ କରି ୩ କେ.ଜି ଗଞ୍ଜେଇ ଜବତ କରିଛି। ବେଆଇନ ନିଶା କାରବାର ଅଭିଯୋଗରେ ଜଣଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ହେଉଛନ୍ତି କଣ୍ଟିଆପଡ଼ା ଗ୍ରାମର ପ୍ରଦୀପ ମହାକୁଡ଼। ପ୍ରଦୀପ ବେଆଇନ ଭାବରେ ଗଞ୍ଜେଇ ରଖି ବେପାର କରୁଥିବା ଖବର ପାଇ ଅବକାରୀ ଅଧିକ୍ଷକ ନାରାୟଣ ମେହେରଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ନିରୀକ୍ଷକ ବେଣୁଧର ସାମଲ କଣ୍ଟିଆପଡ଼ା ଗ୍ରାମରେ ଚଢ଼ାଉ କରିଥିଲେ। ପ୍ରଦୀପଙ୍କୁ ଘରୁ ଗଞ୍ଜେଇ ଜବତ କରିବା ସହ ପ୍ରଦୀପଙ୍କୁ ଗିରଫ କରିଥିଲେ। ଚଢ଼ାଉରେ ଇନ୍ସପେକ୍ଟର ବେଣୁଧର ସାମଲ ଓଆଇସି ରଞ୍ଜନ ପାତ୍ର ପ୍ରମୁଖ ସାମିଲ ଥିଲେ।

### ବିଜେଡିର ସାଙ୍ଗଠନିକ ବୈଠକ

ଭଣ୍ଡାରିପୋଖରୀ,୨୧।୧୧(ସ୍ୱ.ପ୍ର ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ ଠାରେ ବିଜେଡିର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଏଥିରେ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲ ଯୋଗଦେଇଥିଲେ। ବୈଠକରେ ରହଣିଆ ପଞ୍ଚାୟତ ବିଜେଡିର କର୍ମୀମାନେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା କେଉଁ ଭଳି ପଞ୍ଚାୟତ ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ବିଧାୟକଙ୍କ ପ୍ରତିନିଧି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ବିଜେଡି ସଭାପତି ଲଳିତ ରାଉତ, ବିରନ୍ଦ୍ର ନାୟକ, ପିରେଶ୍ୱର ବାରିକ, ଗଣେଶ ବିଶ୍ୱାଳ, ଚିତ୍ରାନନ୍ଦ ରାଉତ, ଅର୍ଜୁନ ସାମଲ, ଯୁବ ବିଜେଡି ନେତା ଅମିତାଭ ସାଇଁ,ଆଶିଷ ରାଉତ, ସମୀର ସାମଲ,ପ୍ରଫୁଲ ମହାପାତ୍ର, ପ୍ରକାଶ ନାୟକ,କେଦାର ଧଳ,ରବିନ୍ଦ୍ର ଜେନା ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

# ସୂଚନା ଅଧିକାର ଆଇନକୁ ଅବମାନନା

ନୀଳଗିରି, ୨୧।୧୧(ସ୍ୱ.ପ୍ର.)

■ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ

■୨୫ରୁ ଧାରଣା ଦେବେ

ବାଲେଶ୍ୱର ଜିଲା ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନୀଳଗିରି ଆଇଟିଡ଼ିଏର ବିଭିନ୍ନ ଯୋଜନା ଓ ପ୍ରକଳ୍ପ ବାବଦରେ ତଥ୍ୟ ସୂଚନା ଆଇନ୍ ବଳରେ ମାଗିଥିବା ବେଳେ ଉକ୍ତ ତଥ୍ୟ ଦିଆଯିବ ନାହିଁ ବୋଲି କାର୍ଯ୍ୟାଳୟ ପକ୍ଷରୁ ରୋକଠୋକ ମନା କରିଦିଆଯାଇଥିଲା। ଫଳରେ ସୂଚନା ଅଧିକାର ଆଇନକୁ ଅବମାନନା କରିବା ସହ ଉଲ୍ଲଂଘନ କରାଯାଇଥିବା ପ୍ରତିବାଦରେ ବିଧାୟକ ଷଡ଼ଙ୍ଗୀ ଆସନ୍ତା ୨୫ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନୀଳଗିରି ଆଇଟିଡ଼ିଏ ଅଫିସ୍ ଆଗରେ ଧାରଣା ଦେବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ଷଡ଼ଙ୍ଗୀ ଘଟଣା ବିଷୟରେ ଏବଂ ଉକ୍ତ ବିଭାଗରେ ଉଭୟ କେନ୍ଦ୍ର, ରାଜ୍ୟ ସରକାରଙ୍କ ଅର୍ଥକୁ ହରିଲୁଟ୍ କରିଥିବାରୁ ତଥ୍ୟ ଦେଉ ନ ଥିବା ଅଭିଯୋଗ ଆଣିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ନୀଳଗିରି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ।

ନୀଳଗିରିର ପୂର୍ବତନ ବିଧାୟକ ଷଡ଼ଙ୍ଗୀ ସୂଚନା ଆଇନ ବଳରେ ନୀଳଗିରି ଆଇଟିଡିଏର ବିଭିନ୍ନ ପ୍ରକଳ୍ପ ଓ ବିଭିନ୍ନ ଯୋଜନା ବିଷୟରେ ତଥ୍ୟ ମାଗିଥିଲେ। ତଥ୍ୟ ପ୍ରଦାନର ଅବଧି ଶେଷ ହେବା ପରେ ଅନେକ ଥର ଷଡ଼ଙ୍ଗୀ କାର୍ଯ୍ୟାଳୟକୁ ଯାଇ ତଥ୍ୟ ଦିଅନ୍ତୁ ବୋଲି କାର୍ଯ୍ୟାଳୟର ମୁଖ୍ୟ କିରାଣିଙ୍କୁ କହିବା ପରେ ଆଜିକାଲି କହି ଦିନ ପରେ ଦିନ ଗଡ଼େଇ ଚାଲିଥିଲେ। ଶେଷରେ ଷଡ଼ଙ୍ଗୀ ଅଫିସ୍‌କୁ ତଥ୍ୟ ଆଣିବାକୁ ଯାଇଥିବା ବେଳେ ମୁଖ୍ୟ କିରାଣି ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ରୋକଠୋକ ମନା କରିବା ସହ ପିଏଙ୍କ ସହ କଥା ହେବାକୁ କହିଥିଲେ। ପରେ ପିଏଙ୍କ ସହ ଘଟଣା ବିଷୟରେ ଫୋନରେ ଜଣାଇଥିଲେ। ମାତ୍ର କୌଣସି ସଫଳତା ମିଳି ନ ଥିଲା। ଏନେଇ ଗତ ୧୯ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ଷଡ଼ଙ୍ଗୀ ଜଣାଇଥିଲେ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର

ବଡ଼ସାହି,୨୧।୧୧(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଜନୈକା ଦିବ୍ୟାଙ୍ଗ ଯୁବତୀଙ୍କୁ ସୋମବାର ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୧୯/୨୨)ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାପି ମହାପାତ୍ର (୩୨)। ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା ପରେ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଦିବ୍ୟାଙ୍ଗ ଯୁବତୀ ଜଣକ ଘରେ ଏକୁଟିଆ ଥିବା ସୁଯୋଗରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପରିବାର ଲୋକେ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି।

# ଷଣ୍ଢ ମାଂସ ଭୋଜିକୁ ନେଇ ଉତ୍ତେଜନା, ଅଭିଯୁକ୍ତ ଗିରଫ

ପଦ୍ମପୁର, ୨୧।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ପଞ୍ଚାୟତ ଶଙ୍ଖାଯୋଡ଼ି ଗ୍ରାମର କେତେଜଣ ବ୍ୟକ୍ତି ଭୋଜି ପାଇଁ ଏକ ଷଣ୍ଢକୁ ମାରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ରବିବାର ଉକ୍ତ ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବ୍ୟକ୍ତି ନିଜ ଭାଇଙ୍କର ଶ୍ରାଦ୍ଧଦିବସରେ ଭୋଜି କରିବା ପାଇଁ ଏକ ନିବୃତ୍ତ କୋଠରୀରେ ଷଣ୍ଢକୁ ମାରି ମାଂସ ସଂଗ୍ରହ କରୁଥିବା ବେଳେ ଜଣେ ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତି ଜାଣିପାରିଥିଲେ। ଏହି ଘଟଣା ଗ୍ରାମରେ ପ୍ରଚାରିତ ହେବା ପରେ ବହୁ ସଂଖ୍ୟାର ହିନ୍ଦୁ ସମ୍ପ୍ରଦାୟର ଅନ୍ୟମାନେ ଏକଜୁଟ ହୋଇ ଘଟଣାକୁ ବିରୋଧ କରିବା ସହ ଧାମରା ଥାନାକୁ ଖବର ଦେଇଥିଲେ। ପରେ ପାଇକସାହିର ସରୋଜ ଲେଙ୍କାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୯/୨୨) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସେକ୍ ମୁସୀଙ୍କୁ ଗିରଫ କରିଛି।

## ମିଳିତ ଜନଶୁଣାଣି ଶିବିର

# ୧୦୫ ଅଭିଯୋଗର ଶୁଣାଣି


ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୨୧।୧୧

ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥି ମଧ୍ୟରୁ ୮୭ଟି ବ୍ୟକ୍ତିଗତ ଥିବା ବେଳେ ୧୮ଟି ସାମୂହିକ ଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ଚରଣ ସିଂ ମୀନା ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଉପଜିଲାପାଳ ମନୋଜ ପାତ୍ର, ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ଅତିରିକ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ବିଡିଓ ସୀତକାନ୍ତ ରାଉତ, ସହାୟକ ଜିଲାପାଳ ବସନ୍ତ ଲେଙ୍କା ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲେ।

# ବାରିପଦାରେ ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ

ବାରିପଦା ଅଫିସ,୨୧।୧୧

ମୟୂରଭଞ୍ଜ ଜିଲା ଜଜ କୋର୍ଟଙ୍କ କାର୍ଯ୍ୟାଳୟ ପରିସରରେ କୁଳିଅଣା, ଚାନ୍ଦୁଆ, ଶୁଳିଆପଦା, ଝାରପୋଖରିଆ ଓ ବାଙ୍ଗରିପୋଷି ଆଦି ୫ଟି ଥାନାକୁ ନେଇ ଏକ ନୂତନ ଜେଏମ୍‌ଏଫ୍‌ସି କୋର୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧରନ ଭିଡିଓ କନଫରେନ୍ସ ଜରିଆରେ ଏହି କୋର୍ଟକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜଜ ଅରବିନ୍ଦ ପଟ୍ଟନାୟକ, ଭିଜିଲାନ୍ସ ଜଜ ପ୍ରସନ୍ନ କୁମାର ପଣ୍ଡା, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ବାସୁଦେବ ଆଚାର୍ଯ୍ୟ, ରେଜିଷ୍ଟ୍ରାର ଆଶିଷ କୁମାର ପରିଛା, ନୂତନ କଗ୍‌ନିଜେନ୍ସ ଟେକିଙ୍ଗ ମାଜିଷ୍ଟ୍ରେଟ ମିସ୍ ଜେ. ଖାନ ଏବଂ ବାର ଆସୋସିଏସନର ସମ୍ପାଦକ ବିପ୍ଳବ ବାରିକଙ୍କ ସମେତ ବାର ଆସୋସିଏସନର ଅନ୍ୟାନ୍ୟ ସଦସ୍ୟ ଓ ଜିଲା ଜଜ୍ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ।


ନୂତନ କୋର୍ଟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଗଡ଼ପଦା ପଞ୍ଚାୟତ କଂଗ୍ରେସ କମିଟି ଗଠିତ

# ଚକ୍ରଧର ନୂତନ ସଭାପତି

ରୂପସା, ୨୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଗଡ଼ପଦା ପଞ୍ଚାୟତରେ ନୂତନ ଭାବେ ପଞ୍ଚାୟତ କଂଗ୍ରେସ କମିଟି ଗଠନ କରାଯାଇଛି। ଦଳୀୟ ନେତୃବୃନ୍ଦ, ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ସକ୍ରିୟ କର୍ମୀଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ ହୋଇଥିଲା। ନୂତନ ପଞ୍ଚାୟତ ସଭାପତି ଭାବେ ଚକ୍ରଧର ମହାନ୍ତି, ଉପସଭାପତି ଗୌରହରି ପଣ୍ଡା, ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ବାରିକ, କିଶୋର ଗିରି, ପେଟୁ ସିଂ, ନେଜାମ ଖାଁ, କମଳାକାନ୍ତ ସିଂ ଓ ଆହିସକ୍ଷନ ଖାଁ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ କର୍ମକର୍ତ୍ତାଙ୍କୁ ଜିଲା ତଥା ବ୍ଲକର ବରିଷ୍ଠ କଂଗ୍ରେସ ପଦାଧିକାରୀ ଶୁଭେଚ୍ଛା ଜ୍ଞାପନ କରିବା ସହ ଦଳକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିରୋଧୀଙ୍କ ଅନ୍ୟାୟକୁ ପ୍ରତିବାଦ କରିବା ସହ ଦଳର ସ୍ୱାର୍ଥ ଓ ଜନସାଧାରଣଙ୍କ ହକ ପାଇଁ ଲଢ଼େଇ ଜାରି ରହିବ ବୋଲି ସଭାପତି ଚକ୍ରଧର ମହାନ୍ତି ବୈଠକରେ କହିଥିଲେ।

# ବ୍ଲକ୍ ପାଚେରି ନିର୍ମାଣରେ ଦୁର୍ନୀତିର ଗନ୍ଧ

■କାର୍ଯ୍ୟସ୍ଥଳରେ ନାହିଁ ସୂଚନାଫଳକ

■ପୁରୁଣା ଇଟା ନେଇଯାଉଛନ୍ତି ଠିକାଦାର

ତେଲକୋଇ,୨୧।୧୧(ଡି.ଏନ.ଏ)


ପାଚେରିରୁ ବାହାରିଥିବା ଇଟା ଟ୍ରାକ୍ଟରରେ ଲୋଡ୍ ହେଉଛି।

ରାଜ୍ୟ ସରକାର '୫-ଟି' ଜରିଆରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ପ୍ରୟାସ କରୁଛନ୍ତି। କିଛି ଅସାଧୁ କର୍ମଚାରୀଙ୍କ ପାଇଁ ଯୋଜନା ଏକ ପ୍ରକାର ବିଫଳ ହେଉଛି। ଠିକାଦାରଙ୍କ ସହ ମିଶି ଅନିୟମିତତାକୁ ପ୍ରୋତ୍ସାହିତ କରୁଛନ୍ତି। ଫଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଉଛି। କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ସମ୍ମୁଖ ପାଖ ପଞ୍ଚାୟତ ସମିତି କାର୍ଯ୍ୟାଳୟର ପାଚେରି ନିର୍ମାଣରେ ଦୁର୍ନୀତିର ଗନ୍ଧ ବାରି ହେଉଛି। ସୂଚନାଯୋଗ୍ୟ, ବ୍ଲକ୍ କାର୍ଯ୍ୟାଳୟର ସମ୍ମୁଖ ଭାଗରେ ପାଚେରି କାମ ଚାଲିଛି। ଏହା କେତେ ଟଙ୍କାର ପ୍ରକଳ୍ପ, ଲମ୍ବା ଉଚ୍ଚତା କେତେ? ନିର୍ମାଣ ସ୍ଥଳରେ କୌଣସି ସୂଚନାଫଳକ ନ ଥିବାରୁ କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ଅନ୍ୟପକ୍ଷେ ପାଚେରି କାର୍ଯ୍ୟ କରୁଥିବା ଠିକାଦାର ପାଚେରିରୁ ବାହାରୁଥିବା ଭଲ ଇଟାକୁ ନେଇଯାଉଛନ୍ତି। ଯାହାକି ନୂତନ ଇଟାଠାରୁ ବହୁ ମଜଭୁତ୍। ଏହାକୁ ନେଇ ବାହାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଘଟଣାରେ ବ୍ଲକ୍ ପ୍ରଶାସନ ଚୁପ୍‌ରହିବା ଅର୍ଥ ଦୁର୍ନୀତିକୁ ପ୍ରୋତ୍ସାହନ ଦେବା ବୋଲି ସ୍ଥାନୀୟ ନାଏବ ସରପଞ୍ଚ ଶୁକେସିନି ପାତ୍ର କହିଛନ୍ତି। ଏ ସମ୍ବନ୍ଧରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ପାଇଁ ୯ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ପ୍ରକାଶ କରିଥିଲେ। କିନ୍ତୁ ସୂଚନା ଫଳକ ଓ ଇଟା ନେବା ସମ୍ପର୍କରେ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଅମୂଲ୍ୟ


@ଜଗତଜିତ୍


@କୁନୁ


@ସୁନୀଲ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

